# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 23 January – 2026

## ପରାକ୍ରମ ଦିବସ

ଭାରତ ଇତିହାସର ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜନନେତା ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୯ ତମ ଜୟନ୍ତୀ ଅବସରରେ ଆଜି ଦେଶବ୍ୟାପୀ ପରାକ୍ରମ ଦିବସ ପାଳନ କରାଯାଉଛି ।

ଏହି ଅବସରରେ ଆଜି କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମପୀଠ ତଥା ସଂଗ୍ରହାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ, ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେବେ । ଉପରାଷ୍ଟ୍ରପତି ଆଜି ନେତାଜୀଙ୍କ ସଂଗ୍ରହାଳୟରେ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପୋଷ୍ଟାଲ ଗ୍ୟାଲେରୀକୁ ଉଦ୍‌ଘାଟନ କରିବେ । ଏହାସହ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ସଂସ୍କୃତି ଭବନକୁ ଲୋକାର୍ପଣ କରିବେ । ଏହାପରେ ଶ୍ରୀ ରାଧାକ୍ରିଷ୍ଣନ ପରାକ୍ରମ ଦିବସ ସଭା କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଉପରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ତମ ଜୟନ୍ତୀ ଉପଲକ୍ଷେ ଆଜି ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି ।

ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଆଜି ତାଙ୍କ ଜନ୍ମସ୍ଥାନ ସମ୍ବଲପୁରଜିଲ୍ଲା ଖିଣ୍ଡାଠାରେ ପାଳନ କରାଯିବ । ସମ୍ବଲପୁର ଜେଲ୍ ଛକଠାରେ ଥିବା ପ୍ରତିମୂର୍ତ୍ତିରେ ପ୍ରଶାସନ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବାର କାର୍ଯ୍ୟସୂଚୀ ରହିଛି ।

## ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ

ଭୁବନେଶ୍ୱର ମୁକ୍ତେଶ୍ୱର ମନ୍ଦିର ପରିସରରେ ଆଜିଠାରୁ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବେ । କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଯୋଗଦେବେ ।

## ଧାନ ସଂଗ୍ରହ

ଚଳିତ ଖରିଫ ଋତୁରେ ଗତକାଲି ସୁଦ୍ଧା ରାଜ୍ୟର ୬ଲକ୍ଷ ୯୩ ହଜାର ୯୭ଜଣ ଚାଷୀଙ୍କ ଠାରୁ ୩୦ଲକ୍ଷ ଅଣଚାଶ ହଜାର ୫୬୦ଟନ୍ ଧାନ ସଂଗ୍ରହ କରାଯାଇଛି । ସମ୍ବଲପୁର ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟର ୯୬ ପ୍ରତିଶତ ଧାନ ସଂଗ୍ରହ କରାଯାଇଛି ।

## ଜାତୀୟ ପତାକା ଉତ୍ତୋଳନ

୭୭ତମ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଓଡ଼ିଶା ପୁଲିସ ପକ୍ଷରୁ ଭଦ୍ରକ ଜିଲ୍ଲା ଧାମରା ବନ୍ଦର ନିକଟସ୍ଥ ଜନବସତିବିହୀନ ଉତାବାଲି ଦ୍ୱୀପରେ ଜାତୀୟପତାକା ଉତ୍ତୋଳନ କରାଯାଇଛି । ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଜାତୀୟ ପତାକା ଉତ୍ତୋଳନ କରିବା ସହ

ଦେଶର ଉପକୂଳ ସୁରକ୍ଷାରେ ନିରନ୍ତର ସେବା ଯୋଗାଉଥିବା ସୁରକ୍ଷାବାହିନୀଙ୍କ ସାହସ, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ପ୍ରତି କୃତଜ୍ଞତା ଜଣାଇଛନ୍ତି ।

# ନନ୍ଦନକାନନ

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆସନ୍ତା ସୋମବାର ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଖୋଲା ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

# ସରସ୍ୱତୀ ପୂଜା

ପବିତ୍ର ମାଘ ଶୁକ୍ଳ ପଞ୍ଚମୀ ତିଥିରେ ଆଜି ବିଦ୍ୟାଦାୟିନୀ, ବାଗ୍‌ଦେବୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଉଛି । ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ଓ ମନ୍ଦିର ଗୁଡ଼ିକରେ ବିଦ୍ୟାରୂପିଣୀ ମା' ଶାରଦାଙ୍କ ପୂଜା ପାଇଁ ଆୟୋଜନ ଚାଲିଛି । ବସନ୍ତ ମାସର ପଞ୍ଚମୀ ତିଥିରେ ମା' ସରସ୍ୱତୀଙ୍କର ତିଥି ପଡୁଥିବା ଯୋଗୁଁ ଏହାକୁ ବସନ୍ତ ପଞ୍ଚମୀ ବା ଶ୍ରୀମପଞ୍ଚମୀ କୁହାଯାଇଥାଏ ।

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କ ଚାଚେରୀ ବେଶ ଅନୁଷ୍ଠିତ ହେବ । ଏହି ବେଶରେ ମହାପ୍ରଭୁଙ୍କୁ ରକ୍ତବର୍ଣ୍ଣର ବସ୍ତ୍ର ଓ ଫୁଲ ଲଗାଇ ସୁସଜ୍ଜିତ କରାଯିବ। ରଥଯାତ୍ରା ପାଇଁ ଆଜିଠାରୁ ପୂଜାର୍ଚ୍ଚନା ପୂର୍ବକ ରଥକାଠର ଅନୁକୂଳ ହେବ । ପରମ୍ପରା ଅନୁସାରେ ମହାପ୍ରଭୁଙ୍କ ରଥନିର୍ମାଣ ପାଇଁ ଆସିଥିବା କାଠ ମଧ୍ୟରୁ ୩ ଖଣ୍ଡ କାଠ ରଥଖଳାରେ ପୂଜା କରାଯିବ ।

# ସୁଭଦ୍ରା ଶକ୍ତି ମେଳା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ଓ ସ୍ୱଦେଶୀ ମେଳା ଆୟୋଜିତ ହୋଇଛି । ସାଂସଦ ମାଳବିକା ଦେବୀ ଏହାକୁ ଉଦ୍‌ଘାଟନ କରି ମହିଳାମାନେ ନିଜର ପରିଶ୍ରମ ଓ ସୃଜନଶୀଳତା ମାଧ୍ୟମରେ ଅର୍ଥନୀତିକୁ ସମୃଦ୍ଧ କରିପାରିବେ ବୋଲି କହିଛନ୍ତି । ଏହିମେଳା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ଅପରେସନ ଅନ୍ୱେଷଣ

ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଥିବା ଅପରେସନ ଅନ୍ୱେଷଣ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ୧୬ଜଣଙ୍କୁ ଉଦ୍ଧାର କରାଯାଇଛି । ୧୬ଜଣଙ୍କ ମଧ୍ୟରେ ୫ଜଣ ନାବାଳକ ଓ ୧୧ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଛି । ଅପରେସନ ଅନ୍ୱେଷଣ ଚଳିତମାସ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି ।

# କନ୍ୟାସନ୍ତାନ ଦିବସ

କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସପ୍ତାହବ୍ୟାପୀ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟାସନ୍ତାନ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ପ୍ରତିଭାଶାଳୀ ଶିଶୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ କନ୍ୟା ଦିବସ ଅବସରରେ ଏକ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା । ପଦଯାତ୍ରାରେ ବିଭାଗୀୟ ଅଧିକାରୀ, ଅଂଶୀଦାର ଏବଂ ବହୁସଂଖ୍ୟାରେ ମହିଳା ଅଂଶଗ୍ରହଣ କରିଥିଲେ ।

# ମତଦାତା ଦିବସ

ଜାତୀୟ ମତଦାତା ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନଙ୍କ ଶପଥପାଠ କରାଯାଇଥିଲା ।

ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମତଦାତା ସଂକଳ୍ପ ପାଠ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ପାଠ କରିଥିଲେ ।

# ଶୀତଦିନିଆ ଶିବିର

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡିଙ୍ଗାସ୍ଥିତ ରାଜଚୌରିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୭ ଦିନିଆ ସ୍ୱତନ୍ତ୍ର ଶୀତଦିନିଆ ଶିବିର ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଏସ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ରଣଜୀ ମ୍ୟାଚ୍

ଭୁବନେଶ୍ୱର କିଟ୍ କ୍ରିକେଟ୍ ଷ୍ଟାଡିୟମଠାରେ ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଡି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ତାମିଲନାଡୁ ୭ ଓ୍ୱିକେଟ୍ ହରାଇ ୨୮୧ ରନ୍ ସଂଗ୍ରହ କରିଛି । ରଣଜୀ ଟ୍ରଫିରେ ଓଡ଼ିଶା ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ମଧ୍ୟରୁ ଗୋଟିଏ ମ୍ୟାଚ୍‌ରେ ବିଜୟ ହାସଲ କରିଛି ।